KHABAR (Oriya)
26 October 2008 (Page-2)
Bhubaneswar

ଖାଦ୍ୟ ଓ ନିରାପତ୍ତା ବ୍ୟବସ୍ଥାକୁ ସମୃଦ୍ଧ ଓ ଦୃଢ଼ୀଭୂତ କରିବା ପାଇଁ ଉଦ୍ୟମ ହେଉ

ଭୁବନେଶ୍ୱର (କି.ପ୍ର): ରାଜ୍ୟର ୩୦ଟି ଜିଲ୍ଲାର ୨୮ ଜିଲ୍ଲାର ଖାଦ୍ୟ ନିରାପତ୍ତା ବ୍ୟବସ୍ଥା ଦୃଢ଼ୀକରଣ, ଖାଦ୍ୟନିରାପତ୍ତା ବ୍ୟବସ୍ଥାକୁ ସମୃଦ୍ଧ ଓ ଦୃଢ଼ୀଭୂତ କରିବା ପାଇଁ କୃଷି ଶ୍ରମିକ ମାନଙ୍କରେ ଆଶା ପାଇଁ ଜମି ଦେବା, ଜଳସେଚନ ବ୍ୟବସ୍ଥା କରିବା, ଲାଭଦାୟକ କୃଷି ସହ ନିରାପତ୍ତାର ଦୃଢ଼ୀକରଣ, ଗ୍ରାମାଞ୍ଚଳ ଯୋଗାଯୋଗ ବ୍ୟବସ୍ଥାକୁ ଜୋରଦାର କରିବା ପାଇଁ ଯୋଜନା କମିଶନର ସଦସ୍ୟ ପ୍ରଫେସର ଅଭିଜିତ୍ ସେନ୍, ଗ୍ରାମ୍ୟ ଚେତାର ମାଳଜିତ୍‌ରେ ଖାଦ୍ୟ ନିରାପତ୍ତା ଆର୍ଥିକ ଅନୁଦାନ ସମ୍ବନ୍ଧିତ ନିଜର ମୁଖ୍ୟକୁ ଘୋଷଣା କରିବା ଅବସରରେ ଆୟୋଜିତ ଆଲୋଚନାଚକ୍ରରେ ମତବ୍ୟକ୍ତ କରିଛନ୍ତି । ଉତ୍କଳ ବିଶ୍ୱବିଦ୍ୟାଳୟ ଡି.ଡି. ଜାଲନ୍ଧରିର କକ୍ଷରେ ମୁଖ୍ୟ ଶାସନ ସଚିବ ଶ୍ରୀ ଅଜିତ୍ କୁମାର ଡିସାଠାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ପ୍ରଫେସର ସେନ୍ କହିଥିଲେ ଶିଶୁ ମାତୃମୃତ୍ୟୁହାରକୁ ଗୋଡାଇବା, ଶିକ୍ଷାସ୍ତରର ଅଭାବକୁ ଦୂରକରିବା ପାଇଁ କୃଷିକ୍ଷେତ୍ରର ବିକାଶ ଓ ଉତ୍ପାଦନ ଉପରେ ଗୁରୁତ୍ୱ ଦିଆଯିବାର ଆବଶ୍ୟକତା ଦେଖାଦେଇଛି ।

କଟକ, ଗଜପତି, ମାଲକାନଗିରି, ରାୟଗଡ଼ା, କେନ୍ଦୁଝର, ଭୌଡ଼, କୋରାପୁଟ ଭଳି ଜିଲ୍ଲାର ଗ୍ରାମ୍ୟ ଭିତ୍ତିଭୂମି ଯୋଗାଯୋଗର ସଂଯୋଗ ସହ ଦୃଢ଼ ଗ୍ରାମ୍ୟ ଘରରେ ଜମି ନଥିବାରୁ ଉତ୍ପାଦନ ବୃଦ୍ଧି ପାଇ ନାହିଁ । ଏଥିପାଇଁ ନାଗରୋଲା ମଧ୍ୟ ଏକ କାରଣ ବୋଲି ପ୍ରଫେସର ସେନ୍ କହିଥିଲେ । ଆଲୋଚନାରେ ଅଂଶ ଗ୍ରହଣ କରି କମିଶନର ଆର୍.କେ. ଶର୍ମା କହିଲେ ରାଜ୍ୟସରକାର ଖାଦ୍ୟ ନିରାପତ୍ତାକୁ ଦୃଢ଼ କରିବା ପାଇଁ ସାଧ୍ୟମତେ ବଳକା ବ୍ୟବସ୍ଥାକୁ ସୁଚାରୁରୂପେ ସହ କାର୍ଯ୍ୟକରା ଯାଉଛନ୍ତି । ୨ କୋଟିରୁରୁ ଅଧିକ ଦ୍ୱାରା ଗରିବଙ୍କ ପାଇଁ ଆଜ ଖାଦ୍ୟ ସଂଗଠନ କରାଯାଇ କୁହାଯାଇଥିଲା । ଅନ୍ୟମାନ ଆଲୋଚନା ପ୍ରଫେସର ରାଧାମୋହନ ଖାଦ୍ୟ ସଂରକ୍ଷଣ ଉପରେ ଗୁରୁତ୍ୱଦେଇ ଖାଦ୍ୟ ସାମଗ୍ରୀ କିପରି ନଷ୍ଟ ହେଉଛି ଏହାକୁ ରୋକାଯାଇପାରିଲେ ଖାଦ୍ୟ ନିରାପତ୍ତାର ଦିଗ ବର୍ଦ୍ଧିତ ହେବ । ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱ ଖାଦ୍ୟକାର୍ଯ୍ୟକ୍ରମର ପ୍ରତିନିଧି ରଥା ଲାରେଟ ବିଦେଶିକା ଶ୍ରୀମତୀ ମିନାକୋରାମୁଗା, ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ଡଃ ବିନାୟକ ରଥ, ଆଲୋକ ନାରାୟଣ ଶର୍ମା, ବିଶ୍ୱଖାଦ୍ୟ କାର୍ଯ୍ୟକ୍ରମର ଜ୍ୟେଷ୍ଠ ଗିରି ମଧ୍ୟ ଓ ମୋନା ଶର୍ମା ଅଂଶ ଗ୍ରହଣ କରିଥିଲେ । ପ୍ରଫେସର ଧୃତ ଚଟୋପାଧ୍ୟାୟ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।